Sankha Bhawan
Plot No. 798, Unit - VI
Bhubaneswar - 751001, Odisha

BJD

Ph : 0674-2393464, 2395979
email : bijujanatadal@gmail.com

# BIJU JANATA DAL

**ପ୍ରିୟ ସାଥି,** **ତାରିଖ :- ୦୧/୦୮/୨୦୨୬**

ନମସ୍କାର,

ମାନ୍ୟବର ସଭାପତି ଶ୍ରୀ ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶକ୍ରମେ ବିଜୁ ଜନତା ଦଳର ଏକ ପ୍ରତିନିଧି ଦଳ ଭାରତ ନିର୍ବାଚନ ଆୟୋଗଙ୍କ ନିକଟରେ (ମୁଖ୍ୟ ନିର୍ବାଚନ ଅଧିକାରୀ, ଓଡ଼ିଶାଙ୍କ ଜରିଆରେ) SIR–୨୦୨୬ ଅଧୀନରେ ଚାଲିଥିବା ଭୋଟର ତାଲିକା ସଂଶୋଧନ ପ୍ରକ୍ରିୟାରେ ଦାବି ଓ ଆପତ୍ତି ଦାଖଲର ସମୟସୀମାକୁ ଅତି କମରେ ୩୦ ଦିନ ବୃଦ୍ଧି କରିବା ପାଇଁ ଦାବି କରିଥିଲା। ଏହି ଦାବିକୁ ବିଚାର କରି ଭାରତ ନିର୍ବାଚନ ଆୟୋଗ ସଂଶୋଧିତ କାର୍ଯ୍ୟସୂଚୀ ଘୋଷଣା କରିଛନ୍ତି।

SIR–୨୦୨୬ର ସଂଶୋଧିତ କାର୍ଯ୍ୟସୂଚୀ

- ଦାବି ଓ ଆପତ୍ତି ଦାଖଲ: ୦୫ ଜୁଲାଇ – ୧୯ ଅଗଷ୍ଟ ୨୦୨୬
- ନୋଟିସ୍ ପର୍ଯ୍ୟାୟ ଓ ଦାବି-ଆପତ୍ତିର ସମାଧାନ: ୦୫ ଜୁଲାଇ – ୧୭ ସେପ୍ଟେମ୍ବର ୨୦୨୬
- ଚୂଡ଼ାନ୍ତ ଭୋଟର ତାଲିକା ପ୍ରକାଶ: ୨୧ ସେପ୍ଟେମ୍ବର ୨୦୨୬

ଏହି ବର୍ଦ୍ଧିତ ସମୟକୁ ଆମେ ସର୍ବାଧିକ ସତର୍କତା, ନିଷ୍ଠା ଓ ଦାୟିତ୍ୱବୋଧ ସହ ବ୍ୟବହାର କରିବା ଆବଶ୍ୟକ, ଯାହାଦ୍ୱାରା କୌଣସି ଯୋଗ୍ୟ ଭୋଟରଙ୍କ ନାମ ଅନ୍ୟାୟ ଭାବେ ଭୋଟର ତାଲିକାରୁ ବାଦ ନ ପଡ଼େ।

ଆପଣଙ୍କ ନିର୍ବାଚନ ମଣ୍ଡଳୀର Unmapping, Discrepancies ଏବଂ Form-7 ଆବେଦନର ସଂଖ୍ୟା ଦିଆଯାଇଛି। ଦୟାକରି ବୁଥ୍‌ଭିତ୍ତିକ ସମୀକ୍ଷା କରି କେତେ ମାମଲାର ସମାଧାନ ହୋଇଛି ଏବଂ କେତେ ମାମଲା ବାକି ରହିଛି, ତାହା ଯାଞ୍ଚ କରନ୍ତୁ।

ASDD (Deleted Voter) ତାଲିକା ଡାଉନଲୋଡ୍ ପଦ୍ଧତି

୧. https://ceoodisha.nic.in/en/bloblamom/ ଲିଙ୍କକୁ ଯାଆନ୍ତୁ।
୨. "Download Polling Station Wise ASDD List" ଉପରେ କ୍ଲିକ୍ କରନ୍ତୁ।
୩. District ଚୟନ କରନ୍ତୁ।
୪. Assembly Constituency (AC) ଚୟନ କରନ୍ତୁ।
୫. Booth ଚୟନ କରନ୍ତୁ।
୬. Captcha ପୂରଣ କରି Enter ଉପରେ କ୍ଲିକ୍ କରନ୍ତୁ।
୭. Download ବଟନ୍‌ରେ କ୍ଲିକ୍ କରି ASDD ତାଲିକା ଡାଉନଲୋଡ୍ କରନ୍ତୁ।

- ଗତ ୨୪–୨୫ ଜୁନର BLA–BLO ବୈଠକରେ ପ୍ରଦାନ କରାଯାଇଥିବା ASDD ତାଲିକା ସହ ବର୍ତ୍ତମାନର ASDD ତାଲିକାକୁ ତୁଳନା କରନ୍ତୁ।

କ୍ରମଶଃ....

Sankha Bhawan
Plot No. 798, Unit - VI
Bhubaneswar - 751001, Odisha

BJD

Ph : 0674-2393464, 2395979
email : bijujanatadal@gmail.com

# BIJU JANATA DAL



- Draft Electoral Roll ସହ ମିଳାଇ ଯଦି କୌଣସି ଯୋଗ୍ୟ ଭୋଟରଙ୍କ ନାମ ଭୁଲବଶତଃ ASDD ତାଲିକାରେ ରହିଥିବା ଜଣାପଡ଼େ, ତେବେ ତୁରନ୍ତ ନିୟମାନୁସାରେ Claims & Objections ଦାଖଲ କରନ୍ତୁ।

ଫର୍ମଗୁଡ଼ିକର ବ୍ୟବହାର

- ଫର୍ମ–୬: ନୂତନ କିମ୍ବା ଚିଠା ତାଲିକାରୁ ବାଦ ପଡ଼ିଥିବା ଯୋଗ୍ୟ ଭୋଟରଙ୍କ ନାମ ସାମିଲ ପାଇଁ।
- ଫର୍ମ–୭: ମୃତ, ସ୍ଥାନାନ୍ତରିତ, ଅଯୋଗ୍ୟ କିମ୍ବା ଦ୍ୱିତୀୟ ନାମ ବିଲୋପ ପାଇଁ।
- ଫର୍ମ–୮: ନାମ, ବୟସ, ଲିଙ୍ଗ, ଠିକଣା, ଫଟୋ ଓ ଅନ୍ୟାନ୍ୟ ସଂଶୋଧନ ପାଇଁ।

ଉପରୋକ୍ତ ସମସ୍ତ ଫର୍ମ ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ଦାଖଲ କରାଯାଉଛି କି ନାହିଁ, ତାହା ସୁନିଶ୍ଚିତ କରନ୍ତୁ।

ବିଶେଷ ସୂଚନା: ଫର୍ମ–୬ ଏବଂ ଫର୍ମ–୮ ସହ ଘୋଷଣାପତ୍ର (Declaration Form) ଦାଖଲ କରିବା ବାଧ୍ୟତାମୂଳକ।

ବିଶେଷକରି ଫର୍ମ–୭ ମାଧ୍ୟମରେ ନାମ ବିଲୋପ ପାଇଁ ଆସିଥିବା ଆବେଦନଗୁଡ଼ିକ ନିୟମାନୁସାରେ ଯାଞ୍ଚ ହେଉଛି କି ନାହିଁ, ତାହା ପ୍ରତ୍ୟେକ ବୁଥ୍ ସ୍ତରରେ BLA ନିୟମିତ ଭାବେ BLOଙ୍କ ସହ ସମନ୍ୱୟ ରଖି ସୁନିଶ୍ଚିତ କରିବା ଜରୁରୀ। କୌଣସି ସନ୍ଦେହଜନକ କିମ୍ବା ଅନିୟମିତ ଆବେଦନ ସମ୍ପର୍କିତ ସମସ୍ତ ତଥ୍ୟ ଓ ପ୍ରମାଣ ସଂଗ୍ରହ କରି ଦଳର ଅଧିକୃତ ପ୍ରତିନିଧି ଦଳ ମାଧ୍ୟମରେ ଦଳୀୟ ମୁଖ୍ୟାଳୟକୁ ଅବଗତ କରାନ୍ତୁ, ଯାହାକୁ ଆବଶ୍ୟକତାନୁସାରେ ନିର୍ବାଚନ ଆୟୋଗଙ୍କ ନିକଟରେ ଉପସ୍ଥାପନ କରାଯାଇପାରିବ।

ମାନ୍ୟବର ସଭାପତି ଶ୍ରୀ ନବୀନ ପଟ୍ଟନାୟକ ସର୍ବଦା ଆହ୍ୱାନ ଦେଇ ଆସୁଛନ୍ତି ଯେ ଏକ ତ୍ରୁଟିଶୂନ୍ୟ ଭୋଟର ତାଲିକା ପ୍ରସ୍ତୁତ ହେଉ ଏବଂ ଜଣେ ମଧ୍ୟ ଯୋଗ୍ୟ ମତଦାତା ଭୋଟର ତାଲିକାରୁ ବାଦ ନ ପଡ଼ନ୍ତୁ। ଏହି ଲକ୍ଷ୍ୟ ପୂରଣ ପାଇଁ ଆମର ପ୍ରତ୍ୟେକ BLA, କର୍ମୀ ଓ କର୍ମକର୍ତ୍ତାଙ୍କୁ ସଜାଗ, ସକ୍ରିୟ ଓ ଦାୟିତ୍ୱବାନ ଭାବରେ କାର୍ଯ୍ୟ କରିବାକୁ ହେବ।

ଆସନ୍ତୁ, SIR–୨୦୨୬ ପ୍ରକ୍ରିୟାରେ ପ୍ରତ୍ୟେକ ଯୋଗ୍ୟ ଭୋଟରଙ୍କ ସାମ୍ବିଧାନିକ ଅଧିକାର ସୁରକ୍ଷିତ ରହିବାକୁ ଆମେ ସମସ୍ତେ ମିଳିତ ଭାବେ ସୁନିଶ୍ଚିତ କରିବା।

ଧନ୍ୟବାଦ।

ଆପଣଙ୍କର,

ଦେବୀପ୍ରସାଦ ମିଶ୍ର

(ଦେବୀପ୍ରସାଦ ମିଶ୍ର)
ବରିଷ୍ଠ ଉପ-ସଭାପତି (ମୁଖ୍ୟାଳୟ)
ବିଜୁ ଜନତା ଦଳ